# ବ୍ରହ୍ମପୁର ସହରର ପ୍ରାଚୀନ ଐତିହ୍ୟ

ଦୈତ୍ୟ ମଧୁକୈଠଭଙ୍କ ମେଦରୁ ମେଦିନୀ ସୃଷ୍ଟି ହେବା ପୂର୍ବରୁ, ସମୁଦାୟ ବ୍ରହ୍ମାଣ୍ଡର ନିମ୍ନ ବା ସ୍ଥୂଳଭାଗ କେବଳ ନାର ହିଁ ନାରମୟ ଥିଲା । ବିଷ୍ଣୁ ବା ବ୍ୟାପ୍ତତାର ବିଡ଼ମ୍ବନା ତଥା ପ୍ରକୃତିର ଇଚ୍ଛା କ୍ରମେ ମେଦିନୀ ଦୈର୍ଘ୍ୟ ଚାରି ହଜାର କୋଶ ବା ୧୨୮୦୦ କି.ମି. ଦୈର୍ଘ୍ୟ ତଥା ଏହି ଅନୁକ୍ରମେ ପ୍ରସ୍ଥ ଥିଲା । ଏପରି ମେଦିନୀଟିର ସ୍ଥିତି ଛଅ ଗୋଟି ମନ୍ୱନ୍ତର ବା ପ୍ରାୟ ୧୮୫ କୋଟି ବର୍ଷ ଥିଲା । ବୈବସ୍ୱତ ମନ୍ୱନ୍ତର ଆରମ୍ଭ ବା ପ୍ରାୟ ଏଗାର କୋଟି ବର୍ଷ ପୂର୍ବେ ଅଜନାଭ ବର୍ଷର ଉତ୍ତର ପାର୍ଶ୍ୱରେ ସ୍ୱତଃ ପ୍ରକୃତ ଭାବରେ ତଥା କଥିତ ହିମାଳୟ ପର୍ବତ ଉର୍ଦ୍ଧ୍ୱଗାମୀ ହେବା କାଳେ ମର୍ତ୍ତ୍ୟ ସମୁଦାୟର ଉର୍ଦ୍ଧ୍ୱଗାମୀ ହୋଇ ମେଦିନୀ ତୁଲ୍ୟ ରହି ଆସି, ସମୁଦାୟ କ୍ଷେତ୍ର ମର୍ତ୍ତ୍ୟ ମଣ୍ଡଳର ପରିଚୟ ଦେଇ ଆସିଛି । ଏପରି ସୂଚନା ଶ୍ରୀମଦ୍ ଭାଗବତରୁ ମିଳିବା ସହ ଧନପତ୍‌ରାୟ ସି.ଓ୍ୱାଇ ବୈଦ୍ୟ ଗବେଷକଙ୍କ ରଚିତ ଗ୍ରନ୍ଥ Early History of mankind, P. 47 & Epic India, P. 269 ଦେଖିବା ଉଚିତ ।

ଏଗାର କୋଟି ବର୍ଷ ଅତୀତରେ ହୋଇଥିବା ଉର୍ଦ୍ଧ୍ୱଗାମୀ ମୃତ୍ତିକା ସମୁଦାୟ ୧୯୬ କୋଟି ବର୍ଷ ତଳେ ପ୍ରକଟିତ ମେଦିନୀକୁ ଜାବୁଡ଼ି ଧରି ଧରା ବା ଧରଣୀର ପରିଚୟ ଦେଇ ଆସୁଛି । ସମୁଦାୟ ଧରଣୀ ଦୃଷ୍ଟିଗୋଚରକୁ ଆସିବା ପୂର୍ବରୁ ତଥା କେବଳ ମେଦିନୀ ପ୍ରକଟ କାଳରୁ ହିଁ ରାଷ୍ଟ୍ର ଧାରଣ ପ୍ରକ୍ରିୟା ପ୍ରକୃତି ଦ୍ୱାରା ହୋଇପାରିଥିଲା । ବାସ୍ତବତାର ପୂର୍ଣ୍ଣାଙ୍ଗ "ଶ୍ରୀମଦ୍ ଭଗବଦ୍ ଗୀତା"ରୁ ସୂଚନା ମିଳିବା ପଦ୍ମ ପୁରାଣରୁ ଜଣାଯାଏ । ପୁନଃ ଶୂନ୍ୟ ବ୍ରହ୍ମାଣ୍ଡ ଶୂନ୍ୟତା ମଧ୍ୟରେ କିପରି ଦୀର୍ଘକାଳ ତିଷ୍ଠି ରହିବ ଗ୍ରନ୍ଥର ସ୍ୱଚ୍ଛତା ତଥା ମସ୍ତିରେ ସମୃଦ୍ଧି ସହ ଯଶସ୍ୱୀ ରହିବ ତାହା କେବଳ ୧୮ଯୋଗ ସିମିତରେ ବର୍ଣ୍ଣିତ । ବ୍ରହ୍ମାଣ୍ଡ ଯେପରି ସୁରକ୍ଷିତ ରହିବ । ଶ୍ରୀକୃଷ୍ଣ ଦୈପାୟନ ବ୍ୟାସ ରଚିର ସାମୟିକତାକୁ ନେଇ ଶ୍ରୀମଦ୍ ଭଗବତ୍‌ଗୀତା ଗ୍ରନ୍ଥ ନାମକୁ ଶିରୋନାମା ଦେଇ ରଚନା କରିଛନ୍ତି ।

ଗ୍ରନ୍ଥ ରଚନାର ଦିବ୍ୟତା ଶିରୋନାମା ଦର୍ଶାଏ ଯେ ଶ୍ରୀର ଅର୍ଥ ସମୃଦ୍ଧି । ମଦ୍‌ର ଅର୍ଥ ମସ୍ତ, ଭଗବଦ୍‌ର ଅର୍ଥ ପ୍ରସିଦ୍ଧ ତଥା ଗୀତାର ଅର୍ଥ ଅଳ୍ପକାଳରେ ଯେପରି ଜଣେ ପ୍ରକୃତ ସତ୍ୟ ଜାଣିପାରିବ । ଗ୍ରନ୍ଥ ଶିରୋନାମା ରଚନା କରାଯାଇଥିବା ବିଷୟବସ୍ତୁର ଶିରୋନାମା ରହିଛି "ଧୃତରାଷ୍ଟ୍ର ଉବାଚ", ବାସ୍ତବତାକୁ ନେଇ ଯଦି ଅର୍ଥ କରାଯାଏ, ତେବେ ପ୍ରକୃତତା ଅଟେ ରାଷ୍ଟ୍ର ବା ଦେଶ ଧାରଣ କରି ଆସିଥିବାର ସତ୍ୟ କଥା । କାରଣ "ଧୃ" ଶବ୍ଦ ଏଠାରେ ପ୍ରକୃତି ରୂପେ ଗ୍ରହଣ କରାଯାଇଛି । ଏହାକୁ ନେଇ ଗୀତଗୋବିନ୍ଦରେ ଜୟଦେବ ପୁଣି କହିଛନ୍ତି - "ପ୍ରଳୟ ପୟୋଧି ଜଳେ ଧୃତ ବାନସୀ ବେଦଂ । ଅର୍ଥାତ୍ ନାମ ବାଚକ ବିଶେଷକୁ ସୂଚାଏ ନାହିଁ । ଏଠାରେ "ଧୃ" ରହିବା ଉଚିତ ଥିଲା, ଯଦି ନାମ ବାଚକ ବିଶେଷ ରୂପେ ପ୍ରକାଶ ପାଇଥାନ୍ତା । କିନ୍ତୁ ବିଷୟ ପ୍ରବେଶ ଶ୍ଳୋକ କହେ-

ଧର୍ମକ୍ଷେତ୍ରେ କୁରୁକ୍ଷେତ୍ରେ ସମବେତା ଯୁଯୁସ୍ବ
ମାମ୍‌କାଃ ପାଣ୍ଡବା ଶ୍ଚୈବ କିଂମ କୁର୍ବନ୍ତି ସଂଜୟ ।

ଗୀତାପ୍ରେସ୍ ତରଫରୁ ସ୍ୱାମୀ ରାମସୁଖ ଦାସ ଗୋରଖପୁର ଠାରେ ଶ୍ରୀମଦ୍ ଭଗବଦ୍ ଗୀତାକୁ ଆଧାର କରି "ସାଧକ ସଂଜୀବନୀ ଟୀକା" କରିଛନ୍ତି । ଅର୍ଥାତ୍ ଯେପରି ସଂଜୟ, ସେପରି ସଂଶୟ ପୂର୍ଣ୍ଣ ବା ଅନିଶ୍ଚିତ ଜୀବନ ସମୁଦାୟକୁ କିପରି ପୂଜନ ବା ଆରାଧନା କରିବ, ସେ କହିଛନ୍ତି । ଯଦି ସେ ସଞ୍ଜୀବନି ଶବ୍ଦକୁ ବ୍ୟବହାର କରିଥାନ୍ତେ ଅନ୍ୟ କିଛି ଭାବ ପ୍ରକଟ ହୋଇଥାନ୍ତା । କିନ୍ତୁ ଗୀତାର ମୂଳ ଶ୍ଳୋକଟିକୁ ଅତ୍ୟନ୍ତ ଦୟନୀୟ ରୂପେ ବର୍ଣ୍ଣନା କରାଯାଇଛି ।

ଅନ୍ୱୟରେ ବର୍ଣ୍ଣିତ ଯେ, ଧୃତରାଷ୍ଟ୍ର ଉବାଚ ସମାନ ଧୃତରାଷ୍ଟ କହିଲେ- ଠିକ୍ କି ? ଧର୍ମ କ୍ଷେତ୍ରେ=ଧର୍ମଭୂମି ଠିକ୍ କି ? ସମବେତାଃ=ଏକବଚନ ନା ବହୁବଚନ ? ମାମକାଃ=ମୋର ନା ଅନାତପ ମଧ୍ୟରେ ରହିଥିବା ପଞ୍ଚଭୂତାକାର ପାଣ୍ଡବ=ପଣ୍ଡୁଙ୍କର ନା ପଞ୍ଚଭୂତର, ଏବ=ମଧ ହେବ ନା ଏଠାରେ ? କିମ=କଣ ହେବ ନା ଭବିଷ୍ୟତରେ ? ଅକୁର୍ବତ=କହେ ନା ହେବ ? ସଂଜୟ ଏଠାରେ ନାମ ବାଚକ ହେବ ନା ସଂଶୟ ପୂର୍ଣ୍ଣ ଗ୍ରନ୍ଥ ବୋଲାଇବ ?

ଅର୍ଥକୁ ଅନର୍ଥ କରି କହିବା ଠିକ୍ ନୁହେ । ଉଚ୍ଚାରିତ ବ୍ୟାକରଣୀୟ ଫଣି-ଭାଷ୍ୟ, ମହର୍ଷି ପାଣିନୀ କିମ୍ବା ବଶୁପ୍ରକ୍ରିୟା ସୂତ୍ର ପ୍ରକାରେ ବୋଧହୁଏ ସିଦ୍ଧ ହୋଇ ନାହିଁ । ଯଦି ହୋଇଥାନ୍ତା ତେବେ ନିମ୍ନ ମତେ ଅର୍ଥ ହୋଇଥାନ୍ତା । ଯଥା-

କୁହାଯାଇଛି ଧୃତରାଷ୍ଟ୍ର ଉବାଚର ମର୍ମ, ରାଷ୍ଟ ଧାରଣ କରି ଆସିଥିବା ସତ୍ୟକଥା ଏହି ଯେ, ଧର୍ମକ୍ଷେତ୍ରେ ବା ଧାରଣ କରି ଆସିଥିବା କ୍ଷେତ୍ରରେ କୁରୁକ୍ଷେତ୍ରେ ବା ରାଜା କୁରୁଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଥିବା କ୍ଷେତ୍ର ମଧ୍ୟରେ ବହୁବଚନ କ୍ରମେ ସମବେତ ବା ଏକତ୍ରିତ ଅଯୁଯୁତ୍ସବ ମାନେ ହୋଇଥିଲେ । ବୁଝିବା ଉଚିତ ହେବ ତପସ୍ୱୀମାନେ ଏହି କ୍ଷେତ୍ରରେ ତପ କରିବା ପାଇଁ ଏକତ୍ରିତ ହେଉଥିଲେ ।

ପରିସ୍ଥିତିକୁ ଅନୁଧ୍ୟାନ କରି ପରିବେଶ ବିଚାର କଲା, ଏପରି ତପ ଯଦି ସର୍ବଦା ଏଠାରେ ଲାଗିରହେ ତେବେ ମୋ ଛାୟାଗତ ଅନିଶ୍ଚିତ ପଞ୍ଚଭୂତାକାରକୁ ନେଇ, ବହୁକାଳ ବିଚାର କଲା ପରେ, ବିଚାରିଥିଲେ, ଭବିଷ୍ୟତରେ ଏହି କ୍ଷେତ୍ର ଅବସ୍ଥା କଣ ହେବ ? ଆଗକୁ ବିଚାର କରି ନପାରି ସଂଜୟ ହୋଇ ରହିବ କହି ସ୍ଥିର କରିଥିଲେ । ସଂଜୟର ଅର୍ଥ ଏଠାରେ ସଂଶୟ ପୂର୍ଣ୍ଣ ଗ୍ରନ୍ଥ ହୋଇ ରହିବ ହିଁ ରହିବ, ପରିବେଶ ବିଚାର କରିଥିଲା ।

ବିଶ୍ୱ ସଂସ୍ଥାପନ ମଧ୍ୟରେ ଅନେକ ଅନ୍ତରୀକ୍ଷ ରହିଛି । ପ୍ରତି ଅନ୍ତରୀକ୍ଷ ମଧ୍ୟରେ ସୌର ଜଗତ ପରି ଜଗତମାନ ରହିଛି । ପ୍ରତି ଜଗତ ମଧ୍ୟରେ ରହିଛି ଗ୍ରହ ନକ୍ଷତ୍ର ତଥା ବ୍ରହ୍ମାଣ୍ଡ । ବର୍ତ୍ତମାନ ଆଜି ଆମେ ଯେପରି ଭୌତିକ ବ୍ରହ୍ମାଣ୍ଡରେ ବାସ କରୁଛେ । ଭୌତିକ ଏହି ବ୍ରହ୍ମାଣ୍ଡର ନିମ୍ନରେ ନାର ହିଁ ନାର ଥିଲା । ସେହି ନାର ମଧ୍ୟରେ ହିଁ ମେଦିନୀ ସୃଷ୍ଟି ହୋଇଥିଲା । ନାର ମଧ୍ୟରେ ମେଦିନୀ ଭାସୁଥିବାକୁ ନେଇ କୁହାଗଲା । ଜୟ ଦେବଙ୍କ ବିଚାରରେ ପୃଥିବୀର ଅନ୍ୟ ନାମ ବେଦ । ବେଦ ଭୂମି ହିଁ ଧାରଣ ବା ଧର୍ମ କ୍ଷେତ୍ର । ଏହି ଧର୍ମ କ୍ଷେତ୍ରକୁ ୧୧କୋଟି ବର୍ଷ ତଳେ ଉର୍ଦ୍ଧ୍ୱଗାମୀ ମର୍ତ୍ତ୍ୟ ଜାବୁଡ଼ି ଧରି ଆସିଛି ସତ କିନ୍ତୁ ଆଜିର ଚିଲିକା ମଧ୍ୟରେ କେନ୍ଦ୍ରବିନ୍ଦୁ ରୂପେ କାଳଜୟୀ, କାଳିଜାଇ, ମେରୁ ଗୋବିନ୍ଦ ତଥା ଏକଚକ୍ରା ନଗରୀ ରୂପେ ଖ୍ୟାତ ହୋଇ ରହିଛି ।

ମେଦିନୀ ଗର୍ଭ ବା ଧର୍ମକ୍ଷେତ୍ରରେ କେନ୍ଦ୍ରବିନ୍ଦୁ ଯେପରି କାଳିଜାଇ, ଠିକ୍ ସେପରି, କୁରୁକ୍ଷେତ୍ରର କେନ୍ଦ୍ରବିନ୍ଦୁ ପୁରୁଣା ବ୍ରହ୍ମପୁରର କାଳୀ ମନ୍ଦିର ଅଟେ । ଏହି କାଳିଜାଇ କ୍ଷେତ୍ରରେ ସୃଷ୍ଟି ଆରମ୍ଭ ରାଜତ୍ୱର କର୍ମ ଆରମ୍ଭ ହୋଇଥିଲା । ସ୍ୱୟମ୍ଭୁବ ମନୁ ସୃଷ୍ଟିର ପ୍ରଥମ ଶାସକ ରୂପେ ଏଠାରେ ମେଦିନୀ ରୂପକ ମନ୍ୱନ୍ତର ବା ପ୍ରାୟ ୩୦କୋଟି ବର୍ଷ ଶାସନ କରିଥିଲେ । ପରେ ପୃଥ୍ୱୀକୁ ଉଡ୍ର ଓ ଉତ୍କଳ ନାମରେ ଦୁଇଭାଗ କରି ସାନପୁଅ ଉତ୍ତାନପାଦଙ୍କୁ ପୂର୍ବାଞ୍ଚଳ ଉତ୍କଳର ଅଧିପତି କରିଥିଲେ । ପଶ୍ଚିମାଞ୍ଚଳ ଉଡ୍ରାଧିପତି ଜ୍ୟେଷ୍ଠପୁତ୍ର ପ୍ରିୟବ୍ରତଙ୍କୁ କରିଥିଲେ । ଏହି କୃଷ୍ଣପ୍ରସାଦ ଗଡ଼ ଠାରେ ପ୍ରିୟବ୍ରତ ୧୧୦କୋଟି ବର୍ଷ ରହି ଉଡ୍ର ରାଜ୍ୟ ଶାସନ କରିଥିଲେ । ଏହାଙ୍କ ପର ପିଢ଼ି ସୂର୍ଯ୍ୟବଂଶୀ ଗଣ ମହାରାଜା ଶାବସ୍ତ ଏହି କୃଷ୍ଣପ୍ରସାଦ ଗଡ଼ ଠାରୁ ଯାଇ ଶାବସ୍ତ ପୁରୀ ବା ଅଯୋଧ୍ୟାପୁରୀ ସ୍ଥାପନ କରିଥିଲେ ।

ପ୍ରାୟ ଦୁଇକୋଟି ବର୍ଷ ପୂର୍ବେ ରାଜର୍ଷି ପ୍ରବର ମହାରାଜା କୁରୁ ଏହି ପୃଥିବୀର କେନ୍ଦ୍ରକୁ କେନ୍ଦ୍ର ବା ମଚକ୍ରୁକ ଯକ୍ଷସ୍ଥଳୀ ଘୋଷଣା କରି ସମନ୍ତପଞ୍ଚକ ଅଞ୍ଚଳ ଆଧାରିତ କ୍ଷେତ୍ରକୁ କୁରୁକ୍ଷେତ୍ର ରୂପେ ଘୋଷଣା କରିଥିଲେ । ମହା ତୀର୍ଥ ଯାତ୍ରା ପର୍ବ ଅଧ୍ୟାୟ ୮୩ର ୨୦୮ ଶ୍ଳୋକରେ ରଚିତ ଯେ, ପଶ୍ଚିମେ ତରନ୍ତୁକ ପୂର୍ବେ ଅରନ୍ତୁକ (ଗୋପାଳପୁର ଠାରୁ ପ୍ରାୟ ୧୫କି.ମି. ଦୂରରେ କ୍ଷେତ୍ର ଅଗସ୍ତି ଗାଁ ନାମେ ରହିଛି) ଦକ୍ଷିଣରେ ରାମାହ୍ଲଦ ବା ପର୍ଶୁରାମକୁଣ୍ଡ ତଥା ଉତ୍ତରେ ମଚକ୍ରୁକ ଦ୍ୱାର ରହିଛି । ଏହି କ୍ଷେତ୍ର ବ୍ରହ୍ମାଙ୍କ ଚଳଚଞ୍ଚଳ କ୍ଷେତ୍ର । ପ୍ରଜାପତି ବ୍ରହ୍ମଦେବଙ୍କ କ୍ଷେତ୍ରଟି ଉତ୍ତର ବେଦୀ ରୂପେ ଘୋଷଣା କରି ପୁରୁଣା ବ୍ରହ୍ମପୁର ସ୍ଥିତ କାଳୀ ମନ୍ଦିର ବା ବ୍ରହ୍ମର ବିସ୍ତାରିତ ଛାୟା କ୍ଷେତ୍ର ନାମେ "ବ୍ରହ୍ମପୁର" ନାମ ଘୋଷିତ ହୋଇ ରହିଆସିଛି ।

କୁରୁକ୍ଷେତ୍ର ସୀମାକୁ ନେଇ ମହାଭାରତରେ ଏହି ପର୍ବ ଓ ଅଧ୍ୟାୟ ୪ଶ୍ଳୋକ କହେ ଋଷିକୁଲ୍ୟା ସରସ୍ୱତୀ ସ୍ରୋତର ଦକ୍ଷିଣ ତଥା ଦୃଷଦବତୀ ମହେନ୍ଦ୍ର ତନୟାର ଉତ୍ତର ପାର୍ଶ୍ୱରେ ଥିବା ଭୂଖଣ୍ଡ ହିଁ ପ୍ରକୃତ କୁରୁକ୍ଷେତ୍ର । ତଥା କୁରୁକ୍ଷେତ୍ରର କେନ୍ଦ୍ରବିନ୍ଦୁ ବ୍ରହ୍ମପୁର ଅଟେ । ବ୍ରହ୍ମପୁର ସମୀପସ୍ଥ ଶିଙ୍ଗାବାଡ଼ି ଜନପଦ ଠାରେ ଶଙ୍ଖବୃକ୍ଷ ଥିବା ସୂଚନା ମିଳୁଛି । ସେହି ବୃକ୍ଷ କ୍ଷେତ୍ରକୁ ଆଧାର କରି ମହର୍ଷି ବୃଦ୍ଧଗର୍ଗ ଏକ ଦୀର୍ଘକାଳୀନ ଯଜ୍ଞକୁ ଲକ୍ଷକରି ଯଜ୍ଞ କରିଥିଲେ । ସରସ୍ୱତୀ ବ୍ରହ୍ମକ୍ଷେତ୍ରରେ ପ୍ରକଟ ହୋଇ ପଶ୍ଚିମାମୁଖୀ ହୋଇ ସରସ୍ୱତୀ କୁଞ୍ଜମାନ ଗଠନ କରି ଯାହା କରିଥିଲେ, ତାହା ଆଜି କେରାଣ୍ଡିମାଳ ପର୍ବତ ନାମେ ଖ୍ୟାତ ।

ମହାରାଜା କୁରୁ ଦୁଇ କୋଟି ବର୍ଷ ତଳେ "ମୋ ମାଟି ମୋ ଦେଶ" କଥା, ଇନ୍ଦ୍ର ଦେବତାଙ୍କୁ କହି ସ୍ପଷ୍ଟ କରିଥିଲେ । କିନ୍ତୁ ଆମ ସରକାରଙ୍କ ମନେ ଏବେ ପଡୁଛି । ମଧୁକୈଠଭଙ୍କ ମେଦରୁ ମେଦିନୀ ସ୍ଥିର ହେବା କାଳୁ ବ୍ରହ୍ମଦେବ ମଧ୍ୟ "ମୋ ମାଟି ମୋ ଦେଶ" କହି ଏହି ବ୍ରହ୍ମପୁର ଠାରେ କହିଥିବା ସମ୍ଭବ । ଏଣୁ କ୍ଷେତ୍ର ନାମ ବ୍ରହ୍ମପୁର ହୋଇପାରିଛି ।

୨୦୦୮ ମସିହାରେ ଓଡ଼ିଶା ସଂସ୍କୃତି ମନ୍ତ୍ରୀଙ୍କୁ ସାକ୍ଷାତ୍ କରି ଋଷିକୁଲ୍ୟା ସରସ୍ୱତୀ କୁରୁକ୍ଷେତ୍ର ବିଷୟକୁ ନେଇ ବୁଝାଇ କହିଥିଲି । ପରିବର୍ତ୍ତେ ଉପାଧି ମିଳିଥିଲା "ବାୟାଟା" । ଏ ବାୟା ପୁଣି ରାଷ୍ଟ୍ରପତିଙ୍କୁ କୁରୁକ୍ଷେତ୍ରର ସମ୍ପୂର୍ଣ୍ଣ ଚିତ୍ର ୧-୧୨-୨୦୨୨ ତଥା ଓଡ଼ିଶା ରାଜ୍ୟପାଳଙ୍କୁ ୮-୧୨-୨୦୨୨ରେ ଜଣାଇଛି । କେଉଁ ଉପାଧିରେ ଭୂଷିତ କରିବେ ଅପେକ୍ଷା କରିଛି ।

ସ୍ୱାମୀ ଜ୍ଞାନାନନ୍ଦ ବ୍ୟାସ ଦେବଙ୍କ ବିଚାରକୁ ଗୁରୁତ୍ୱ ନେଇ କହିଛନ୍ତି -

ଉଷ୍ଣତୋୟ ବହାଗଙ୍ଗା ଶୀତତୋୟ ବହା ପୁରା ।<br>
ସୁବର୍ଣ୍ଣ ସିକତା ରାଜନ୍ ବିଶାଳା ବଦରୀ ମନୁ ।।

ସୁବର୍ଣ୍ଣ ବାଲି ସ୍ୱରୂପ ବିରଳ ମୃତ୍ତିକା କେନ୍ଦ୍ର ସରକାର ଦୈନିକ କୋଟି କୋଟି ଟଙ୍କାର ସଂଗ୍ରହ କରି ଏହି କୁରୁକ୍ଷେତ୍ରରୁ ନେଉଛନ୍ତି । ପ୍ରତିବଦଳରେ ଦେବାଟା ଦୂର କଥା କିନ୍ତୁ ଅତୀତକୁ ମଧ୍ୟ ଗ୍ରହଣକୁ ଅମଙ୍ଗ । ଗଣତନ୍ତ୍ର ଏହି ରାଷ୍ଟ୍ରରେ ଗଣ ହିଁ ସର୍ବେସର୍ବା । ଏଣୁ ବ୍ରହ୍ମପୁରବାସୀଙ୍କ ସତ୍ୟଧର୍ମ ନ୍ୟାୟକୁ କୁରୁକ୍ଷେତ୍ର ଅନ୍ତର୍ଗତ ଏହି କେନ୍ଦ୍ର ମର୍ମ କ୍ଷେତ୍ରରେ ଚଳଚଞ୍ଚଳ ବ୍ରହ୍ମଙ୍କୁ ଉଦ୍‌ବୁଦ୍ଧ କରିବା ସମାଜର କର୍ତ୍ତବ୍ୟ । ଅତୀତର ମର୍ଯ୍ୟାଦା ଅବଦାନକୁ ଦେଇ ବିଦାୟ ନେଉଛି । ତ୍ରୁଟି ମାର୍ଜନା କରି କ୍ଷମା............ ।

ଋଷିକୁଲ୍ୟା ସରସ୍ୱତୀ ଗବେଷକ<br>
ବେଙ୍କଟ ବିହାରୀ ପ୍ରହରାଜ<br>
ହିଲପାଟଣା, ବ୍ରହ୍ମପୁର, ମୋ-୮୭୬୩୬୦୨୫୨୦

ଏହାର ପ୍ରତି ବଦଳରେ ଟ.୨/- ଦୀପ ପ୍ରଜ୍ୱଳନ ପାଇଁ ।